ନନ୍ଦତାଇ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 10, 1996

[ କେ. ରାମାସ୍ୱାମୀ, ଫୈଜନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ ]

*ଜମି ଅଧିଗ୍ରହଣ ଅଧିନିୟମ, 1894 :*

*ଧାରା 4, 5A ଏବଂ 6 – ଧାରା 5A ଅଧୀନରେ ତଦନ୍ତ – ଜମିମାଲିକଙ୍କୁ ନୋଟିସ୍ ଜାରି କରାଯାଇଛି – ସେ ତାଙ୍କର ଆପତ୍ତିଗୁଡ଼ିକ ଦାଖଲ କରିଥିଲେ ଏବଂ ତାହାର ଶୁଣାଣି ହୋଇଥିଲା – ଜମିର ପରବର୍ତ୍ତୀ ହସ୍ତାନ୍ତର – ପରବର୍ତ୍ତୀ ମାଲିକଙ୍କୁ ବିଜ୍ଞପ୍ତି ଦେବାରେ ଛାଡ଼ିଯିବା – ତଦନ୍ତକୁ ବ୍ୟର୍ଥ କରେ ନାହିଁ – ପ୍ରକାଶିତ ଘୋଷଣା ଏବଂ ଅଧିସୂଚନାରେ ହସ୍ତକ୍ଷେପ କରିବାକୁ ମନା କରିବାରେ ଉଚ୍ଚ ନ୍ୟାୟାଳୟ ସଠିକ ଅଟନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 17207/1996

ବମ୍ବେ ଉଚ୍ଚ ନ୍ୟାୟାଳୟର ଡବ୍ଲ୍ୟୁ. ପି. ସଂଖ୍ୟା 3161/1993ର 8.3.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଉଦୟ ଉମେଶ ଲଳିତ

ନ୍ୟାୟାଳୟର ଏହି ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ବମ୍ବେ ଉଚ୍ଚ ନ୍ୟାୟାଳୟ, ନାଗପୁର ବିଚାରପୀଠଙ୍କ ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି, ଯାହା ଡବ୍ଲ୍ୟୁ. ପି. ସଂଖ୍ୟା 3161/1983 ରେ 8 ମାର୍ଚ୍ଚ, 1996 ତାରିଖରେ କରାଯାଇଥିଲା । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ଜମି ଅଧିଗ୍ରହଣ ଅଧିନିୟମ, 1894 (1894 ର 1) (ସଂକ୍ଷେପରେ, 'ଅଧିନିୟମ') ର ଧାରା 4 (1) ଅନୁଯାୟୀ ଅଧିସୂଚନା ରାଜପତ୍ରରେ ପ୍ରକାଶିତ ହୋଇଥିଲା ଏବଂ ତା' ପରେ ଏହା 15 ସେପ୍ଟେମ୍ବର,1992 ରେ ସ୍ଥାନୀୟ ଅଞ୍ଚଳରେ ପ୍ରକାଶିତ ହୋଇଥିଲା । ଏହି ଜମି ମୂଳତଃ ଆବେଦନକାରୀଙ୍କ ଶ୍ୱଶୁର ସୁଦାମ ଜେଡ୍. ମୋରେଙ୍କର ଥିଲା । ଏହା ଜଣାପଡ଼ିଲା ଯେ, ଆବେଦନକାରୀଙ୍କ ସ୍ୱାମୀଙ୍କ ସହ ରହିବାର ଅସଙ୍ଗତି ହେତୁ ଏକ ପାରିବାରିକ ସମାଧାନରେ, ସେ ବୈବାହିକ ଘରୁ ବାହାରିବେ ବୋଲି ନିଷ୍ପତ୍ତି ନେଇ ପାରସ୍ପରିକ ଛାଡ଼ପତ୍ର କାର୍ଯ୍ୟକାରୀ ହୋଇଥିଲା । ବିବାହ ବିଚ୍ଛେଦ ପରେ, ଜମ୍ଭୁର୍ଦ୍ଦର ସର୍ବେକ୍ଷଣ ସଂଖ୍ୟା 16ରେ 2 ଏକର 5 ଗୁଣ୍ଠ ଜମି ଆବେଦନକାରୀଙ୍କୁ ଦିଆଯାଇଥିଲା । ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ଏହି ଅଧିନିୟମ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ନିୟମାବଳୀର ନିୟମ 1 ଅନୁଯାୟୀ, ଆବେଦନକାରୀଙ୍କ ଶ୍ୱଶୁର, ଯଥା ଏସ୍. ମୋରେଙ୍କୁ ବିଜ୍ଞପ୍ତି ଦିଆଯାଇଥିଲା । ସେ ନିଜର ଆପତ୍ତି ଦାଖଲ କରିଥିଲେ । ସ୍ୱୀକାରଯୋଗ୍ୟ, 1992

ମସିହା ଜୁନ୍ 2 ତାରିଖରେ ଛାଡ଼ପତ୍ର ଦଲିଲ ନିଷ୍ପାଦିତ ହୋଇଥିଲା ଏବଂ ସେ ନିଜେ ସ୍ୱୀକାର କରିଥିଲେ ଯେ, 1992 ମସିହା ଜୁନ୍ 6 ତାରିଖରେ ଧାରା 4 (1) ଅଧୀନରେ ଅଧିସୂଚନା ଜାରି ହେବା ଦିନ ସେ ପଟୱାରୀଙ୍କ ନିକଟରେ ନାମାନ୍ତରଣ ପାଇଁ ଏକ ଆବେଦନ କରିଥିଲେ ଏବଂ ନିୟମ 1 ଅନୁଯାୟୀ ବିଜ୍ଞପ୍ତି ଜାରି ହେବା ତାରିଖରେ ନାମାନ୍ତରଣ କାର୍ଯ୍ୟକାରୀ ହୋଇନଥିଲା ଏବଂ ଜମିର ମାଲିକ ଭାବେ ତାଙ୍କ ନାମ ନଥିରେ ଅଣାଯାଇ ନଥିଲା । ଅନ୍ୟପକ୍ଷରେ, ଜମିର ମାଲିକ ସ୍ୱୀକାରଯୋଗ୍ୟ ଭାବରେ ତାଙ୍କ ଶ୍ୱଶୁର ଥିଲେ ଏବଂ ତାଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିଲା । ପ୍ରଶ୍ନ ଉଠୁଛି ଯେ: ନୋଟିସ୍ ଦେବାରେ ବିଫଳତା, ଅଧିନିୟମର ଧାରା 5A ଏବଂ ଧାରା 5Aର ଉପ-ଧାରା (2 )ର କାର୍ଯ୍ୟକାରିତା ଅଧୀନରେ କରାଯାଇଥିବା ତଦନ୍ତକୁ ବ୍ୟର୍ଥ କରେ କି; ତଦନ୍ତର କାର୍ଯ୍ୟବିଧି ବ୍ୟର୍ଥ ହୋଇଛି । ଏହା ସତ୍ୟ ଯେ, 1984ର 68 ଅଧିନିୟମ ଦ୍ୱାରା ସଂଶୋଧିତ ଧାରା 5A ର ଉପ-ଧାରା (2) ରେ ପରିକଳ୍ପନା କରାଯାଇଛି ଯେ, ମାଲିକ କିମ୍ବା ଆଗ୍ରହୀ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ କୌଣସି ପ୍ରାଧିକୃତ ବ୍ୟକ୍ତିଙ୍କୁ ବିଜ୍ଞପ୍ତି ଜାରି କରାଯିବ ଏବଂ ଆପତ୍ତି ଦାଖଲ କରାଯାଇଥିବା ଯୋଗୁଁ ତାହା ଉପରେ ଶୁଣାଣିର ଅଧିକାର ମଧ୍ୟ ଦିଆଯିବ । ଏପରି ଆପତ୍ତି ଉପରେ, ଏପରି ଅଧିକ ତଦନ୍ତ ଯାହା ସେ ଆବଶ୍ୟକ ବୋଲି ଭାବନ୍ତି, ତାହା କରିବା ପରେ, ଜମି ଅଧିଗ୍ରହଣ ଅଧିକାରୀ ଧାରା 4 ଅନୁଯାୟୀ ଅଧିସୂଚିତ ହୋଇଥିବା ଜମି କିମ୍ବା ଜମିର କୌଣସି ଭିନ୍ନ ଖଣ୍ଡ ସାର୍ବଜନୀନ ଉଦ୍ଦେଶ୍ୟରେ ଆବଶ୍ୟକ ଥିଲା କି ନାହିଁ ସେ ବିଷୟରେ ଉପଯୁକ୍ତ ସରକାରଙ୍କୁ ଅବଗତ କରିବେ, ଯେଉଁଥିରେ ସରକାରଙ୍କ ନିଷ୍ପତ୍ତି ପାଇଁ ତାଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟବିଧିର ନଥି ସହିତ ଆପତ୍ତି ଉପରେ ତାଙ୍କର ସୁପାରିଶ ରହିବ । ଏହି ମାମଲାରେ ଯେହେତୁ ନଥିଧାରୀଙ୍କୁ ପୂର୍ବରୁ ନୋଟିସ୍ ଦିଆଯାଇଛି ଏବଂ ସେ ତାଙ୍କ ଆପତ୍ତି ଦାଖଲ କରିଛନ୍ତି, ତଦନ୍ତ ପରେ ତାଙ୍କର ଶୁଣାଣି ହୋଇଥିଲା , ତେଣୁ ଆବେଦନକାରୀ, ଯିଏ ପରବର୍ତ୍ତୀ ସମୟରେ ସମ୍ପତ୍ତିର ମାଲିକ ହୋଇଥିଲେ, ତାଙ୍କୁ ନୋଟିସ୍ ଦେବାରେ ଛାଡ଼ିଯିବା ଧାରା 5A ଅନୁଯାୟୀ କରାଯାଇଥିବା ତଦନ୍ତକୁ ବ୍ୟର୍ଥ କରେ ନାହିଁ କିମ୍ବା ତଦନ୍ତ ଧାରା 5A ର ଉପ-ଧାରା (2) ର ଉଲ୍ଲଂଘନ କରେ ନାହିଁ । ତେଣୁ, ଧାରା 6 ଅନୁଯାୟୀ ପ୍ରକାଶିତ ଘୋଷଣା ଏବଂ ଧାରା 4 ଅନୁଯାୟୀ ପ୍ରକାଶିତ ଅଧିସୂଚନାରେ ହସ୍ତକ୍ଷେପ କରିବାକୁ ମନା କରି ଉଚ୍ଚ ନ୍ୟାୟାଳୟ ସଠିକ ଥିଲେ ।

ସ୍ୱତନ୍ତ୍ର ଅନୁମତି ଆବେଦନକୁ ତଦନୁସାରେ ଖାରଜ କରାଗଲା ।

ଜି. ଏନ୍. ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ